# NATIONAL NEWS BULLETIN (ODIA)
## 6 October - 2026
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଦେଶରେ ଏକ ସମନ୍ୱିତ ଗମନାଗମନ ଓ ଲଜିଷ୍ଟିକ୍ସ ପ୍ରାଧିକରଣ ସ୍ଥାପନ ସମ୍ପର୍କିତ ପ୍ରସ୍ତାବକୁ ମିଳିଲା କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।
- ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ୨୫ ବର୍ଷ ପୂର୍ଣ୍ଣ କରିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇବା ଲାଗି କେନ୍ଦ୍ର କ୍ୟାବିନେଟ୍‌ରେ ଏକ ସଂକଳ୍ପ ପାରିତ ।
- ଭାରତୀୟ ସେନାକୁ ସଶକ୍ତ କରିବା ଓ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ସୁନାବେଡ଼ା ସ୍ଥିତ ହାଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ଲାଗି ଫ୍ରାନ୍‌ସିସ୍ ହାଲ୍‌ଜେନ୍ ପାଇବେ ନୋବେଲ୍ ପୁରସ୍କାର ।

ଏବଂ

- ଲକ୍ଷ୍ନୌ ଟି-ଟ୍ୱେଣ୍ଟିରେ ଆଜି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଲା ଭାରତ ।

# କ୍ୟାବିନେଟ୍-ଡିସିସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଦେଶରେ ଏକ ସମନ୍ୱିତ ଗମନାଗମନ ଓ ଲଜିଷ୍ଟିକ୍ସ ପ୍ରାଧିକରଣ ସ୍ଥାପନ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ବୈଠକ ପରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ରାଧିକରଣ ମାଧ୍ୟମରେ ଗମନାଗମନ ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଗବେଷଣା, ଯୋଜନା, ମୂଲ୍ୟାଙ୍କନ, ନିରୀକ୍ଷଣ ଓ ପ୍ରଭାବ ଆକଳନ ଆଦି କାର୍ଯ୍ୟକୁ ଅଧିକ ସଶକ୍ତ କରାଯାଇପାରିବ । ଦେଶରେ ସମନ୍ୱିତ ଗମନାଗମନ ଓ ଲଜିଷ୍ଟିକ୍ସ ଯୋଜନା କ୍ଷେତ୍ରରେ ଏହା ସର୍ବୋଚ୍ଚ ସଂସ୍ଥା ଭାବେ କାର୍ଯ୍ୟ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେ କହିଛନ୍ତି, ଦେଶର ଜି.ଡି.ପି. ପ୍ରାୟ ୭ରୁ ୮ ପ୍ରତିଶତ ହାରରେ ବୃଦ୍ଧି ପାଉଥିବା ବେଳେ ଲଜିଷ୍ଟିକ୍ସ କ୍ଷେତ୍ର ଉପରେ ଚାହିଦା ମଧ୍ୟ ଅନୁରୂପ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏହି କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ଦୃଷ୍ଟିରେ ରଖି ଦେଶ ବ୍ୟାପି ଅନେକ ଜାତୀୟ ରାଜପଥ, ରେଳପଥ, ଜଳପଥ, ବିମାନ ବନ୍ଦର ଏବଂ ନୂତନ ବନ୍ଦରମାନ ବିକଶିତ କରାଯାଉଛି । ସମନ୍ୱିତ ଗମନାଗମନ ଓ ଲଜିଷ୍ଟିକ୍ସ ପ୍ରାଧିକରଣ ଆଗାମୀ ୧୦ ବର୍ଷ ଲାଗି ଏ

କ୍ଷେତ୍ରର ଏକ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-2-ASHWINI-LOGISTIC**

କେନ୍ଦ୍ର କ୍ୟାବିନେଟ୍‌ର ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶରେ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗରେ ଇକ୍ୟୁଟି ନିବେଶ ଲାଗି ୧୦ ହଜାର କୋଟି ଟଙ୍କାର ଏକ ପାଣ୍ଠି ସ୍ଥାପନ କରାଯିବ । ଏହା ମାଧ୍ୟମରେ ଏହି ଧରଣର ଉଦ୍ୟୋଗଗୁଡ଼ିକୁ ନିଜର ବ୍ୟବସାୟ କାର୍ଯ୍ୟ ସମ୍ପ୍ରସାରଣ କରିବା ଲାଗି ଦୀର୍ଘକାଳୀନ ସୂତ୍ରରେ ପୁଞ୍ଜି ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

**V/O-2-ASHWINI-MSME**

# କ୍ୟାବିନେଟ୍-ରିଜୋଲ୍ୟୁସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷ ପୂର୍ଣ୍ଣ କରିଥିବାରୁ କେନ୍ଦ୍ର କ୍ୟାବିନେଟ୍‌ରେ ତାଙ୍କୁ ଅଭିନନ୍ଦନ ଜଣାଇବା ଲାଗି ଏକ ସଂକଳ୍ପ ପାରିତ ହୋଇଛି । ଶ୍ରୀ ମୋଦୀ ୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ପ୍ରଥମେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ପରେ ୨୦୧୪ରେ ସେ ଦେଶର

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ । ଆସନ୍ତାକାଲି ସରକାରଙ୍କ ମୁଖ୍ୟ ଭାବେ ସେ ୨୫ ବର୍ଷ ପୂର୍ଣ୍ଣ କରିବେ ।

କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ସମ୍ପର୍କରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଗତ ୨୫ ବର୍ଷର କାର୍ଯ୍ୟକାଳ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଶକ୍ତ କରିବାରେ ସହାୟକ ହୋଇଛି । ଏକ ସାଧାରଣ ପରିବାରରୁ ଆସିଥିବା ବ୍ୟକ୍ତି ଦେଶସେବା ପ୍ରତି ନିଜକୁ ଉତ୍ସର୍ଗ କରି ଆଜି ପର୍ଯ୍ୟନ୍ତ ଏହାକୁ ଜାରି ରଖିବାରେ ସଫଳ ହୋଇଛନ୍ତି । ଏହା ଗଣତନ୍ତ୍ରର ପରିପକ୍ୱତାର ଏକ ପ୍ରମୁଖ ଉଦାହରଣ ଭାବେ ନିଆଯାଇପାରେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଯେଉଁ ଇତିହାସ ସୃଷ୍ଟି କରିଛନ୍ତି ତାହା ଗଣତାନ୍ତ୍ରିକ ଦେଶରେ ଅନନ୍ୟ ।

ବିଶ୍ୱରେ ଖୁବ୍ କମ୍ ସଂଖ୍ୟକ ଦେଶ ଅଛି ଯେଉଁଠାରେ କି ଜନସାଧାରଣ ଜଣେ ନେତାଙ୍କ ପ୍ରତି ତାଙ୍କର ସମର୍ଥନ ବାରମ୍ବାର ଜାହିର କରିଆସିଛନ୍ତି । ଶ୍ରୀ ମୋଦୀଙ୍କର କାର୍ଯ୍ୟଶୈଳୀ, ଉତ୍ତମ ନୀତି ଓ ମନୋଭାବ ସହିତ ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଲାଗି ଦେଶର ଜନସାଧାରଣ ତାଙ୍କୁ ଏହି ସମର୍ଥନ ଦେଇ ଆସିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଭାରତୀୟ ଜନତା ପାର୍ଟି ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶ ପ୍ରଥମ ନୀତି ସହିତ ଦେଶ ସେବା ଓ ଜନସେବା କରି ଆସିଛନ୍ତି । ଏହି

ଅବସରରେ ଆଜି କ୍ୟାବିନେଟ୍‌ରେ ପାରିତ ହୋଇଥିବା ସଂକଳ୍ପର ୧୦ଟି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି –

**V/O-1-ASHWINI—PM**

## ରାଜନାଥ ସିଂହ-ହାଲ୍

ଭାରତୀୟ ସେନାକୁ ସଶକ୍ତ କରିବା ଓ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ଓଡ଼ିଶାର ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍–ହାଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି କୋରାପୁଟ ସୁନାବେଡ଼ାର ହାଲ୍‌ଠାରେ ଦ୍ୱିତୀୟ ଶକ୍ତି ଇଞ୍ଜିନ୍ ଉତ୍ପାଦନ ଲାଇନ୍‌ର ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ସୁନାବେଡ଼ାର ହାଲ୍ ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ତଥା ଦେଶର ଏରୋସ୍ପେସ୍ ପ୍ରପଲସନ୍ ଇକୋସିଷ୍ଟମ୍‌ର କେନ୍ଦ୍ରବିନ୍ଦୁ ପାଲଟିଛି । କୋରାପୁଟର ଏହି କେନ୍ଦ୍ର ଏବଂ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଳିତ ଭାବେ ପୂର୍ବ ଭାରତ ଲାଗି ଏକ ନୂତନ, ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ ବୋଲି ସେ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିବା ସହ ଏହାର ଆସ୍ଥା

ନିରନ୍ତର ଭାବେ ବୃଦ୍ଧି ପାଉଛି । ନିଜର ଭୌଗଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିଳ୍ପାଞ୍ଚଳ ଭିତ୍ତିଭୂମି ଓ କୁଶଳୀ ମାନବ ସମ୍ବଳର ଏକ ସଶକ୍ତ ଭିତ୍ତି ମାଧ୍ୟମରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଶ୍ରୀ ସିଂହ ସୁନାବାଡ଼ା ହାଲ୍‌ରେ ନିର୍ମିତ ୨ହଜାର ତମ ଇଞ୍ଜିନ୍‌କୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଛନ୍ତି ।

ଏହି ସମାରୋହରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜର ଅଭିଭାଷଣ ରଖି ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରି ସେ କହିଛନ୍ତି, ଆଜି ଓଡ଼ିଶାରେ ମେଟାଲ୍‌ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋସିଷ୍ଟମ୍ ତିଆରି ହୋଇପାରୁଛି । ଏହା ମାଧ୍ୟମରେ ରାଜ୍ୟରେ ଏକ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି । ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତୀରକ୍ଷା ହବ୍ ଭାବେ ଗଢ଼ିତୋଳିବା ଲାଗି ରାଜ୍ୟ ସରକାର ବଦ୍ଧ ପରିକର ବୋଲି ସେ କହିଛନ୍ତି ।

## ସେବା ସଂକଳ୍ପ – ୟୁପିଆଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣଙ୍କୁ ଦେଶର ଆର୍ଥିକ ବ୍ୟବସ୍ଥାରେ ସଂସ୍କାର ଆଣିଥିବା 'ୟୁପିଆଇ' ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

ଭାରତର ଡିଜିଟାଲ୍ ନେଣଦେଣ ଇକୋସିଷ୍ଟମ୍‌ରେ ଏକ ଉଲ୍ଲେଖନୀୟ ରୂପାନ୍ତରୀକରଣ କରାଯାଇଛି । ପ୍ରତ୍ୟେକ ନାଗରିକଙ୍କ ଲାଗି ଏକ ସହଜ ଓ ସୁରକ୍ଷିତ ଆର୍ଥିକ ନେଣଦେଣ ବ୍ୟବସ୍ଥା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ବା ୟୁପିଆଇ ବିକଶିତ କରାଯାଇଛି । ଯାହାକି ବର୍ତ୍ତମାନ ଦେଶର କୋଣଅନୁକୋଣରେ ଡିଜିଟାଲ୍ ନେଣଦେଣ ବ୍ୟବସ୍ଥାରେ ଏକ ବିପ୍ଳବ ଭାବେ ଉଭା ହୋଇଛି । ଭାରତ ବ୍ୟତୀତ ବିଶ୍ୱର ୧୧ଟି ଦେଶରେ ବର୍ତ୍ତମାନ ୟୁ.ପି.ଆଇ. ବ୍ୟବସ୍ଥା ପ୍ରଚଳନ କରାଯାଇଛି ।

ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ ୨୦୨୬ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ୟୁପିଆଇ ଏଣିକି ଘରୋଇ ସୀମା ଭିତରେ ବାନ୍ଧି ହୋଇ ରହିନାହିଁ । କିଛିଦିନ ଆଗରୁ ଭାରତୀୟ ବ୍ୟାଙ୍କ୍ ଆକାଉଣ୍ଟରୁ ବିଦେଶକୁ ପ୍ରତ୍ୟକ୍ଷ ଭାବେ ଅର୍ଥ ହସ୍ତାନ୍ତର କରିବା ପ୍ରକ୍ରିୟାକୁ ବିଶ୍ୱାସ କରି ହେଉନଥିଲା । ମାତ୍ର ବର୍ତ୍ତମାନ ଏହା ବାସ୍ତବରେ ପରିଣତ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ନୋବେଲ୍ ପ୍ରାଇଜ୍

ବେଲ୍‌ଜିୟମ୍ ଜନ୍ମିତ ବୈଜ୍ଞାନିକ ଫ୍ରାନ୍‌ସିସ୍ ହାଲ୍‌ଜେନ୍ ପଦାର୍ଥ ବିଜ୍ଞାନ ଲାଗି ଚଳିତ ବର୍ଷ ନୋବେଲ୍ ପୁରସ୍କାର ପାଇବେ । ୮୨ ବର୍ଷ ବୟସ୍କ ହାଲ୍‌ଜେନ୍ ଆଇସ୍‌କ୍ୟୁବ୍ ନ୍ୟୁଟ୍ରିନୋ ଅଭରଜ୍‌ରଭେଟରୀ ଲାଗି ନିଜର ଅବଦାନ ଏବଂ ଉଚ୍ଚ କ୍ଷମତା ସମ୍ପନ୍ନ ଆଷ୍ଟ୍ରୋ ଫିଜିକାଲ୍ ନ୍ୟୁଟ୍ରିନୋ ଆବିଷ୍କାର ଲାଗି ଏହି ପୁରସ୍କାର ପାଇବେ । ହାଲ୍‌ଜେନ୍‌ଙ୍କ ନେତୃତ୍ୱରେ ଏକ ଆନ୍ତର୍ଜାତିକ ବୈଜ୍ଞାନିକ ଦଳ ସମଗ୍ର ବ୍ରହ୍ମାଣ୍ଡର ଅଧ୍ୟୟନ ଲାଗି ଦକ୍ଷିଣ ମେରୁଠାରେ ଆଇସ୍‌କ୍ୟୁବ୍ ନାମକ ଏକ ନ୍ୟୁଟ୍ରିନୋ ଡିଟେକ୍ଟରର ବିକାଶ କରିଛନ୍ତି ।

# ଇଣ୍ଡିଆ-ୱେଷ୍ଟଇଣ୍ଡିଜ୍ ଟି-୨୦

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍ ଆଜିଠାରୁ ଆରମ୍ଭ ହୋଇଛି । ଲକ୍ଷ୍ନୌର ଏକ୍‌ନା ଷ୍ଟାଡିୟମ୍‌ଠାରେ ଆଜିର ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଛି । ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ୱେଷ୍ଟଇଣ୍ଡିଜ୍ ୩ ଓଭରରେ କୌଣସି ୱିକେଟ୍ ନ ହରାଇରେ ୨୮ ରନ୍ ସଂଗ୍ରହ କରିଛି ।

ସିରିଜ୍‌ର ଅନ୍ୟ ୪ଟି ମ୍ୟାଚ୍ ରାଞ୍ଚିରେ ୯ ତାରିଖରେ, ଇନ୍ଦୋରରେ ୧୧ ତାରିଖରେ, ୧୪ ତାରିଖରେ ହାଇଦ୍ରାବାଦ୍ ଏବଂ ୧୭ ତାରିଖରେ ବେଙ୍ଗାଲୁରୁରେ ଖେଳାଯିବ ।